# ମଧୁର ମକା




**ଆଲେଖ୍ୟ:** ସସ୍ମିତା ପ୍ରିୟଦର୍ଶିନୀ, ସନ୍ଦୀପ ମହାନ୍ତି
ଦେବାଶିଷ ଷଡ଼ଙ୍ଗୀ, ରବିନାରାୟଣ ମିଶ୍ର

**ସଂପାଦନା:** ଡଃ. ସୁଜିତ୍ କୁମାର ନାଥ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ , ବ୍ରହ୍ମପୁର
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ



ଭାକୃଅନୁପ
ICAR

# ମଧୁର ମକା




ଆଲେଖ୍ୟ

**ସସ୍ମିତା ପ୍ରିୟଦର୍ଶିନୀ, ସନ୍ଦୀପ ମହାନ୍ତି**

**ଦେବାଶିଷ ଷଡ଼ଙ୍ଗୀ, ରବିନାରାୟଣ ମିଶ୍ର**

ସଂପାଦନା

**ଡଃ. ସୁଜିତ୍ କୁମାର ନାଥ**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨, ବ୍ରହ୍ମପୁର**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**

# ମଧୁର ମକା

ଆଲେଖ୍ୟ

**ସସ୍ମିତା ପ୍ରିୟଦର୍ଶିନୀ**

ବିଷୟବସ୍ତୁ ବିଶେଷଜ୍ଞ, ଶସ୍ୟ ବିଜ୍ଞାନ

**ସନ୍ଦୀପ ମହାନ୍ତି**

ବୈଜ୍ଞାନିକ (ରୋଗ ଓ ପୋକ)

**ଦେବାଶିଷ ଷଡ଼ଙ୍ଗୀ**

ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

**ରବିନାରାୟଣ ମିଶ୍ର**

କ୍ଷେତ୍ର ପ୍ରବନ୍ଧକ

**ସଂପାଦନା**

**ଡଃ. ସୁଜିତ୍ କୁମାର ନାଥ**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ପ୍ରକାଶକ**

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ (ଗୋଳନ୍ଥରା)

**ପ୍ରଥମ ପ୍ରକାଶ :** ଡିସେମ୍ବର-୨୦୨୩

**ମୁଦ୍ରଣ**

**ଅଙ୍କିତା ଗ୍ରାଫିକ୍ସ,** ଭୁବନେଶ୍ୱର, ଫୋନ୍ ୯୪୩୭୦୭୭୩୩୭

# ମଧୁର ମକା

ଗଞ୍ଜାମ ଜିଲ୍ଲାରେ ୨୮,୨୩୩ ହେକ୍ଟର ଜମିରେ ମକାଚାଷ କରାଯାଇଥାଏ। କ୍ରମବର୍ଦ୍ଧିଷ୍ଣୁ ଚାହିଦା ପାଇଁ ଚାଷୀମାନେ ସାଧାରଣ ମକା ବା ହ୍ରାଇବ୍ରିଡ୍ ମକା ପ୍ରତିବଦଳରେ ମଧୁର ମକା ଚାଷ କରିବାକୁ ପସନ୍ଦ କଲେଣି। ବ୍ୟବସାୟିକଭିତ୍ତିରେ ମଧୁର ମକା ଚାଷ କରି ଖଲ୍ଲିକୋଟ, ଗଞ୍ଜାମ, ଦିଗପହଣ୍ଡି, କୁକୁଡ଼ାଖଣ୍ଡି ଆଦି ବ୍ଲକ୍‌ର ବହୁଚାଷୀ ବେଶ୍ ଲାଭବାନ ହୋଇଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର (ଗୋଳନ୍ଥରା) ତରଫରୁ ମଧ ମଧୁରମକା ଚାଷର ପ୍ରସାର ଓ ସେଥିରେ ବୈଜ୍ଞାନିକ ଜ୍ଞାନ-କୌଶଳର ବିନିଯୋଗ ପାଇଁ ଏହା ଅଧିକ ଅମଳ ଦେବା ସହ ଉନ୍ନତମାନର ଉତ୍ପାଦଭାବେ ପରିଗଣିତ ହେଉଛି।

ମକା ମଞ୍ଜିର ଗଠନ, ଆକୃତି ଓ ବ୍ୟବହାର ଅନୁସାରେ ମକାକୁ ୮ ପ୍ରକାରରେ ବିଭକ୍ତ କରାଯାଇଛି, ତନ୍ମଧ୍ୟରୁ ମଧୁର ମକା ଅନ୍ୟତମ। ଏହି ମକାର ଦାନା ଖୁବ୍ ନରମ ଓ ମିଠା। ଏହାକୁ କଞ୍ଚା ମକା ଭଳି ସିଝାଇ ଖିଆଯାଏ। ଏହି ମକାର ଦାନାକୁ ମଧ ସୁପ୍, ସାଲାଡ୍ ଓ ଅନ୍ୟାନ୍ୟ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଏ।

ଏହି ମଧୁର ମକା କିସମଗୁଡ଼ିକ ପ୍ରାୟ ୭୦ରୁ ୭୫ଦିନ ମଧ୍ୟରେ ଅମଳ ହୋଇଥାଏ। ଚଅଁର ଆସିବାର ୧୮-୨୦ ଦିନ ମଧ୍ୟରେ, ଏହି ମକାର ଉପର ଆବରଣ ସବୁଜ ଥିବା ସମୟରେ ତଥା ମକାର ଚୁଟି (ଝସକ୍ଷଳ) ଶୁଖିବାର ଠିକ୍ ପରେ ଏହାକୁ ଅମଳ କରାଯାଏ। ଏହି ସମୟରେ ମକାର ଦାନାର ଆର୍ଦ୍ରତା ୭୦% ଥାଏ ଓ ଏହାର ଉପର ଆବରଣ ଖୋଲି ନଖ ମାରିଲେ ଏହା ନରମ ଲାଗେ। ମଧୁର ମକା ଚାଷ କଲେ ସାଧାରଣ ମକାଠାରୁ ଅଧିକ ଲାଭ ମିଳେ। ସହରାଞ୍ଚଳରେ ମଧୁର ମକାର ଚାହିଦା ଅଧିକ ଥିବାରୁ ଏହାର ଚାଷ ସହର ପାର୍ଶ୍ୱରେ ରହୁଥିବା ଚାଷୀମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ। ସାଧାରଣ ମକା ଭଳି ମଧୁର ମକା ବର୍ଷସାରା ଚାଷ କରାଯାଇପାରେ।

## ମଧୁର ମକା ଚାଷ ପ୍ରଣାଳୀ

ଉନ୍ନତ ପ୍ରଣାଳୀରେ ମଧୁର ମକାର ଚାଷ ପଦ୍ଧତି ସମ୍ବନ୍ଧରେ ନିମ୍ନରେ ବର୍ଣ୍ଣନା କରାଯାଇଛି।

**ମୃତ୍ତିକା :** ମଧୁର ମକା ଚାଷ ପାଇଁ ଦୋରସା, ବାଲିଆ ଦୋରସା ଓ ନିଗିଡ଼ା ମାଟି ସର୍ବୋତ୍କୃଷ୍ଟ। ଅତ୍ୟଧିକ କ୍ଷାରୀୟ ବା ଅମ୍ଳୀୟ, ଅନୁର୍ବର ପଥୁରିଆ, ମଟାଳ ମାଟି ଓ ପାଣି ଜମି ରହୁଥିବା ଜମି ଏହି ଚାଷ ପାଇଁ ଉପଯୁକ୍ତ ନୁହେଁ।



**ଜମି ପ୍ରସ୍ତୁତି :** ବୁଣିବା ପୂର୍ବରୁ ଜମିକୁ ୨/୩ ଓଡ଼ ଚାଷ କରି ମଇ ଦେଇ ମାଟିକୁ ଗୁଣ୍ଡକରି ସମତୁଲ କରିଦେବା ଉଚିତ୍। ଶେଷ ଓଡ଼ ଚାଷ ସମୟରେ ଏକରକୁ ୨ଟନ୍ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରି ମାଟିରେ ଭଲଭାବେ ମିଶାଇ ଦେବା ଦରକାର। ଖତ ସହିତ ବିଭିନ୍ନ ଜୀବାଣୁ ସାର ଯଥା ଆଜୋଟୋବାକ୍ଟର, ଆଜୋସ୍ପିରିଲମ୍ ଓ ଫସଫେଟ୍ ଦ୍ରବଣକାରୀ ଜୀବାଣୁସାରର ବ୍ୟବହାର କରାଯାଇପାରେ। ମାଟିରେ ଉଇ ସମସ୍ୟା ଥିଲେ ଶେଷଓଡ଼ ଚାଷ ସମୟରେ ୮କି.ଗ୍ରା. ଫିପ୍ରୋନିଲ୍ ଦାନାଦାର ବିଷ କିମ୍ବା ୧୦କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ମାଟିରେ ପ୍ରୟୋଗ କରିବା ଉଚିତ୍।

**ବୁଣିବା ସମୟ:** ବର୍ଷାଦିନ: ଜୁନ-ଜୁଲାଇ, ଶୀତଦିନ: ଅକ୍ଟୋବର-ନଭେମ୍ବର

ଶୀତ ଦିନେ ମଧୁର ମକା ଚାଷ ପାଇଁ ଜଳସେଚନର ସୁବିଧା ଥିବା ଆବଶ୍ୟକ। ଶୀତଦିନେ ବୁଣିବା ସମୟରେ ବିଳମ୍ବ କଲେ ପରାଗ ସଙ୍ଗମରେ ବାଧାପ୍ରାପ୍ତ ହୁଏ ଓ ଭଲ ମକା ଦାନା ବାନ୍ଧି ହୋଇ ନପାରି ଅମଳ କମିଥାଏ।

**ବିହନ କିସମ:** କେତେକ ବିଜ୍ଞାପିତ କିସମଗୁଡ଼ିକର ମଧୁର ମକା ବିହନ ତଥ୍ୟାବଳୀ ସାରଣୀ-୧ରେ ପ୍ରଦାନ କରାଯାଇଛି।

## ବିହନ ପରିମାଣ, ବିଶୋଧନ ଓ ବୁଣିବା ପଦ୍ଧତି:

ଏକ ଏକର ମଧୁର ମକା ଫସଲ ଚାଷ କରିବା ପାଇଁ ୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ବିହନକୁ ଧାଡ଼ିରେ ବୁଣିବା ଉଚିତ୍। ଧାଡ଼ିକୁ ଧାଡ଼ି ୬୦ସେ.ମି. ବ୍ୟବଧାନ ଏବଂ ଗଛକୁ ଗଛ ୨୫ ସେ.ମି. ବ୍ୟବଧାନ ରହିବା ଆବଶ୍ୟକ। ବୁଣିବା ପୂର୍ବରୁ ଏକ କି.ଗ୍ରା.

ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରିବା ଆବଶ୍ୟକ। ଏହାଦ୍ୱାରା ମକା ଫସଲକୁ ବିଭିନ୍ନ କବକ ଜାତୀୟ ରୋଗରୁ ରକ୍ଷାମିଳେ। ଲଙ୍ଗଳ ସିଆର ପଛରେ କିମ୍ବା ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ମଞ୍ଜି ବୁଣାଯାଏ ଓ ବୁଣିସାରି ମଞ୍ଜି ଉପରେ ମାଟି ଘୋଡ଼େଇ ଦେବା ଉଚିତ୍। ଧାଡ଼ିରେ ବିହନ ବୁଣିଲେ ଗଛ ସଂଖ୍ୟା ଠିକ୍ ରୁହେ ଏବଂ ଅନ୍ତଃଚାଷ ତଥା ଘାସ ନିୟନ୍ତ୍ରଣ ସହଜରେ କରିହୁଏ।

## ସାରଣୀ-୧ : ମଧୁର ମକାର ଉନ୍ନତ ବିହନ କିସମ

| କିସମ | ହାରାହାରି ଅମଳ (କ୍ୱିଣ୍ଟାଲ/ଏକର) |
|---|---|
| ମାଧୁରୀ (କମ୍ପୋଜିଟ୍) | ୩୨ |
| ପ୍ରିୟା ସୁଇଟ୍‌କର୍ଣ୍ଣ (କମ୍ପୋଜିଟ୍) | ୪୦ |
| ଏଚ୍.ଏସ୍.ସି.-୧ | ୪୮ |
| ଓ୍ୱିନ୍ ଅରେଞ୍ଜ ସୁଇଟ୍‌କର୍ଣ୍ଣ | ୪୦ |
| ମିଷ୍ଟି (ଏନ୍.ଏସ୍.ସି.ଏଚ୍.-୧୨) | ୬୦ |
| ସୁଗାର-୭୫ | ୬୫ |


ମାଧୁରୀ


ପ୍ରିୟା ସୁଇଟ୍‌କର୍ଣ୍ଣ


ଓ୍ୱିନ୍ ଅରେଞ୍ଜ ସୁଇଟ୍‌କର୍ଣ୍ଣ


ଏଚ୍.ଏସ୍.ସି.-୧

## ଖତ ଓ ସାର ପ୍ରୟୋଗ:

ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୨ ଟନ୍ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରି ମାଟିରେ ମିଶାଇ ଦେବା ଉଚିତ୍। ଜୀବାଣୁ ସାର ଯଥା ଆଜୋଟୋବ୍ୟାକ୍ଟର, ଆଜୋସ୍ପିରିଲମ୍ ଓ ଫସ୍‌ଫେଟ୍ ଦ୍ରବଣକାରୀ ଜୀବାଣୁସାରର ବ୍ୟବହାରକଲେ ଭଲ ଅମଳ ମିଳିଥାଏ। ଏହି ଜୀବାଣୁ ସାରକୁ ଖତ ପ୍ରୟୋଗ କରିବାର ୧୫ ଦିନ ପୂର୍ବରୁ ଖତ ସହିତ ମିଶାଇ କିମ୍ବା ବୁଣିବା ଦିନ ମଞ୍ଜି ସହିତ ଗୋଳାଇ ପ୍ରୟୋଗ କରାଯାଇପାରେ। ମଧୁର ମକା ଚାଷ ପାଇଁ ଏକର ପ୍ରତି ୪୮ କି.ଗ୍ରା. ଯବକ୍ଷାରଜାନ, ୨୪ କି.ଗ୍ରା. ଫସ୍‌ଫରସ୍ ଓ ୨୪ କି.ଗ୍ରା. ପଟାସ ସାର ପ୍ରୟୋଗ କରିବା ଉଚିତ୍। ବୁଣିବା ସମୟରେ ୨୫% ଯବକ୍ଷାରଜାନ (୧୨ କି.ଗ୍ରା.) ସମସ୍ତ ଫସ୍‌ଫରସ୍ (୨୪ କି.ଗ୍ରା.) ଓ ପଟାସ୍ (୨୪ କି.ଗ୍ରା.) ସାର ସିଆରରେ ପ୍ରୟୋଗ କରି ମଞ୍ଜି ବୁଣିବା ଦରକାର। ସାର ଯେପରି ମଞ୍ଜିର ସଂସ୍ପର୍ଶରେ ନ ଆସେ, ସେଥିପାଇଁ ସିଆରରେ ସାର ପକାଇବା ପରେ ମାଟି ଭଲଭାବେ ମିଶାଇଦେଇ ମଞ୍ଜି ବୁଣିବା ଉଚିତ୍। ବାକି ଯବକ୍ଷାରଜାନ ସାରକୁ ୨ଟି ଦଫାରେ ଯଥା: ବୁଣିବାର ତିନି ସପ୍ତାହପରେ ପରେ କୋଡ଼ାଖୁସା କରି ଜମିରୁ ଅନାବନା ଗଛ ଓ ଘାସ ବାଛି, ୫୦% ଯବକ୍ଷାରଜାନ ସାର (୨୪ କି.ଗ୍ରା.) ପ୍ରୟୋଗ କରି ହୁଡ଼ା ଟେକି ଦେବା ଦରକାର ଓ ଚଅଁର ବାହାରିବା ପୂର୍ବରୁ ଅବଶିଷ୍ଟ ୧୨ କି.ଗ୍ରା. (୨୫%) ଯବକ୍ଷାରଜାନ ସାର ପ୍ରୟୋଗ କରିବା ଆବଶ୍ୟକ। ଜମିରେ ଦସ୍ତା ଓ ବୋରନ୍ ଅଣୁସାରର ଅଭାବ ଥିଲେ ମୂଳସାର ସହିତ ୧୦ କି.ଗ୍ରା. ଜିଙ୍କ୍ ସଲ୍‌ଫେଟ୍ ଓ ୪



କି.ଗ୍ରା. ବୋରନ୍ ମିଶାଇ ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ। ସେହିପରି ଆବଶ୍ୟକତା ଅନୁଯାୟୀ ଫସଲରେ ବୋରନ୍ କିମ୍ବା ଜିଙ୍କ୍ ସଲ୍‌ଫେଟ୍‌ର ସିଞ୍ଚନ କଲେ ଅଧିକ ଅମଳ ମିଳିଥାଏ।

## ଘାସ ଦମନ ଓ ଅନ୍ତଃଚାଷ :

ଘାସ ଦମନ ପାଇଁ ବୁଣିବାର ୨୪ ଘଣ୍ଟା ମଧ୍ୟରେ ମାଟିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ୪୦୦ ଗ୍ରାମ୍ ଆଟ୍ରାଜିନ୍ (୫୦% ସେଚିତ ଗୁଣ୍ଡ), ୪୦୦ ଲିଟର ପାଣିରେ ମିଶାଇ ମାଟିରେ ସିଞ୍ଚନ କଲେ ଏକ ମାସ ପର୍ଯ୍ୟନ୍ତ ବିଶେଷ ଘାସ ଉଠିନଥାଏ। କିମ୍ବା ଏକର ପ୍ରତି ୧୧୫ ମିଲି ଟେମ୍ବୋଟ୍ରାଇନ୍ ୩୪.୪% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ଫସଲ ବୁଣିବାର ୨୦-୨୫ଦିନ ମଧ୍ୟରେ ସିଞ୍ଚନ କଲେ ଘାସ ଦମନ କରିହୁଏ। ଫସଲ ବୁଣିବାର ତୃତୀୟ ଓ ଷଷ୍ଠ ସପ୍ତାହ ବେଳକୁ କୋଡ଼ାଖୁସା କରି ଜମିରୁ ଅନାବନା ଗଛ ଓ ଘାସ ବାଛି, ସାର ପ୍ରୟୋଗ କରି ହୁଡ଼ା ଟେକି ଦେବା ଆବଶ୍ୟକ।

## ଜଳ ନିୟନ୍ତ୍ରଣ ଓ ଜଳସେଚନ

ବର୍ଷା ଦିନେ ମଧୁର ମକା ଚାଷ ଜମିରେ ପାଣି ଜମି ରହିଲେ ଗଛ ଭଲଭାବରେ ବଢ଼ିପାରେ ନାହିଁ ଓ ଅମଳ କମିଥାଏ। ତେଣୁ ବର୍ଷା ଦିନିଆ ଚାଷ ସମୟରେ ଜମି ପ୍ରସ୍ତୁତି ସମୟରେ ଜଳ ନିଷ୍କାସନ ପାଇଁ ନାଳୀ ରଖିବା ଆବଶ୍ୟକ। ବର୍ଷାଦିନେ ମୌସୁମୀ ବର୍ଷା ଠିକ୍ ଭାବରେ ନହେଲେ ମାଟିର ଆବଶ୍ୟକତା ଓ ଫସଲର ସଙ୍କଟ କାଳ ଯଥା: ଗଜା ହେବା ସମୟରେ ପ୍ରଥମ ଶୀର୍ଷସାର ପ୍ରୟୋଗ ସମୟରେ ଫୁଲ ଧରିବା ସମୟରେ ଦାନା ବାନ୍ଧିବା ସମୟରେ ଜଳସେଚନ କରିବା ଉଚିତ୍। ଶୀତ ଦିନିଆ ମଧୁର ମକା ଚାଷ ପାଇଁ ୪-୫ଟି ଜଳସେଚନ ଦରକାର ପଡ଼ିଥାଏ।

## ଫସଲ ସଂରକ୍ଷଣ :

ମଧୁର ମକା ଫସଲରେ ସାଧାରଣତଃ କାଣ୍ଡବିନ୍ଧା, ପାଟଳ ବିନ୍ଧା ପୋକ ବିଶେଷ ଭାବରେ କ୍ଷତି କରିଥାଏ। ଏହାର ଦମନ ପାଇଁ ଏକର ପ୍ରତି ୨୦୦ ମି.ଲି. ଇମାମେକ୍ଟିନ୍ ବେଞ୍ଜୋଏଟ୍ କିମ୍ବା ୨୦୦ ଗ୍ରାମ୍ କାରଟାପ ହାଇଡ୍ରୋକ୍ଲୋରାଇଡ୍ (୫୦ଏସ୍.ପି.) ବିଷକୁ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରିବା ଆବଶ୍ୟକ। ଏହା ବ୍ୟତୀତ ଟ୍ରାଇକୋଗାମା ଚିଲୋନିସର ୨୦,୦୦୦ ଅଣ୍ଡା ପ୍ରତି ୧୦ଦିନ ଅନ୍ତରରେ ୪-୬ଥର ପ୍ରୟୋଗ କଲେ କାଣ୍ଡ ବିନ୍ଧା ପୋକର ଦମନ କରାଯାଇପାରିବ। ଉଇ ମଧ୍ୟ ମଧୁର ମକା ଫସଲର ମୁଖ୍ୟ ସମସ୍ୟା। ଏହାର ଦମନ ପାଇଁ ୮ କି.ଗ୍ରା. ଫିପ୍ରୋନିଲ୍ ଦାନାଦାର କିମ୍ବା ୧୦ କି.ଗ୍ରା.

କ୍ଲୋରୋପାଇରିଫସ୍ ଗୁଣ୍ଡ ଶେଷ ଓଡ଼ ଚାଷ ସମୟରେ ମାଟିରେ ଭଲ ଭାବେ ମିଶାନ୍ତୁ। ଜଉ ପୋକ ମଧୁର ମକାରେ ଦେଖାଯାଆନ୍ତି। ଜଉ ପୋକକୁ ଦମନ ପାଇଁ ଏକର ପ୍ରତି ୪୦ ଗ୍ରାମ୍ ଥାୟୋମେଥୋଜାମ୍ କିମ୍ବା ୬୦ ଗ୍ରାମ୍ ଫ୍ଲୋନିକାମିଡ଼ ୨୦୦ଲିଟର ପାଣିରେ ମିଶାଇ ପତ୍ରରେ ସିଞ୍ଚନ କଲେ ସୁଫଳ ମିଳିଥାଏ। ପତ୍ର ଦାଗ ଓ ପୋଡ଼ା ରୋଗ ପାଇଁ ଏକର ପ୍ରତି ୫୦୦ଗ୍ରାମ୍ ମାଙ୍କୋଜେବ୍ ଓ ପତ୍ର ଓ ଆଚ୍ଛାଦ ପୋଡ଼ା ରୋଗ ପାଇଁ ୫୦୦ମି.ଲି. ଭାଲିଡାମାଇସିନ୍ କିମ୍ବା ୨୫୦ମି.ଲି. ହେକ୍ସାକୋନାଜଲ୍ ୨୦୦ଲିଟର ପାଣିରେ ମିଶାଇ ୮-୧୦ଦିନ ଅନ୍ତରରେ ଦୁଇଥର ସିଞ୍ଚନ କଲେ ସୁଫଳ ମିଳେ।

ପକ୍ଷୀ ବିଶେଷ କରି ଶୁଆ ମଧୁର ମକାର ପ୍ରଧାନ ଶତ୍ରୁ। ଶୁଆ ମଧୁର ମକାର ଆବଣକୁ ଚରି, ଦାନାକୁ ଖାଇ ଦିଅନ୍ତି। ତେଣୁ ଏହାର ପ୍ରତିକାର ପାଇଁ ଜମି ଚାରିକଡ଼େ ୫% ମାଲାଥିଅନ୍ ଗୁଣ୍ଡ ପ୍ରୟୋଗ କରିବା ଉଚିତ୍ ଓ ମଝିରେ ମଝିରେ ଖାଲି ଡ଼ବା ବା ବାଜା ବଜେଇ ଶବ୍ଦଦ୍ୱାରା ପକ୍ଷୀଙ୍କୁ କିଆରୀରୁ ଉଡ଼ାଇ ଦେବା ଦରକାର। ନଡ଼ାରେ ପାଳଭୂତ ପ୍ରସ୍ତୁତକରି ଜମି ମଧ୍ୟରେ ରଖିଲେ କିମ୍ବା ଚିକ୍‌ଚିକ୍ କରୁଥିବା ରିବନ୍ ଜମିରେ ବାନ୍ଧିଲେ ମକା ଫସଲକୁ ପକ୍ଷୀଙ୍କ ଦାଉରୁ ରକ୍ଷା କରାଯାଇ ପାରିବ।

## ଅନ୍ତଃ ଫସଲ:

ମଧୁରମକା ଏକ ଲାଭଜନକ ଫସଲ। ସହରାଞ୍ଚଳରେ ଏହାର ଚାହିଦା ଅଧିକ ଥିବାରୁ ଓ ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଚାଷୀମାନେ ଏହାକୁ ଅଧିକ ଚାଷ କରୁଥିବାରୁ, ମଧୁରମକା ସହିତ ଅନ୍ୟାନ୍ୟ ଲାଭଜନକ ଓ ସହରାଞ୍ଚଳରେ ଚାହିଦାଥିବା ଫସଲ ଯଥା ଗେଣ୍ଡୁ, ରଜନୀଗନ୍ଧା, ଗ୍ଲାଡ଼ିଓଲୋସ୍, ମଟର, ମୂଳା ଆଦି ଫସଲକୁ ଅନ୍ତଃ ଫସଲ ଭାବରେ ଚାଷ କରିପାରିବେ, ଫଳତଃ ଚାଷୀମାନେ ସେହି ଜମିରୁ ଏକା ସମୟରେ ଅଧିକ ଆୟ କରିପାରିବେ।





## ଅମଳ :

ମଧୁର ମକା ପ୍ରାୟ ୭୦ରୁ୭୫ ଦିନ ମଧ୍ୟରେ (ଟଅଁର ଆସିବାର ୧୮-୨୦ଦିନ ମଧ୍ୟରେ) ଅମଳ କରାଯାଏ। ଏକ ଏକର ଜମିରେ ପ୍ରାୟ ୪୦ରୁ ୫୦କ୍ୱିଣ୍ଟାଲ କଞ୍ଚା ମକା ଅମଳ ହୋଇଥାଏ। ମଧୁର ମକାର ଅମଳ ବେଳେ ଓ ଅମଳ ପରବର୍ତ୍ତୀ ସମୟରେ କେତେକ ସ୍ୱତନ୍ତ୍ର ଯତ୍ନ ନେବାକୁ ପଡ଼ିଥାଏ। ମଧୁର ମକାର ଅମଳ ସଠିକ୍ ସମୟରେ କରିବା ଉଚିତ୍ ଏବଂ ଏହାର ଅମଳ ବିଳମ୍ବ କଲେ ଏହାର ମିଠା କମିଯାଏ। ଏହି ମକା ଅମଳ ପାଇଁ ସାଧାରଣତଃ ଗଛରୁ ସକାଳେ କିମ୍ବା ସନ୍ଧ୍ୟାବେଳେ ମକା ଭାଙ୍ଗିବା ଉଚିତ୍। ଅମଳ ପରେ ସଙ୍ଗେ ସଙ୍ଗେ ଏହାର ବ୍ୟବହାର କିମ୍ବା ବିକିବା ପାଇଁ ବ୍ୟବସ୍ଥା କରିବା ଉଚିତ୍। ବ୍ୟବହାର କରିବା କିମ୍ବା ବିକିବାରେ ବିଳମ୍ବ ହେଲେ, ଫ୍ରିଜ୍ କିମ୍ବା ଶୀତଳ ଭଣ୍ଡାରରେ ୦-୪ ସେଲ୍‌ସିଅସ୍ ତାପମାତ୍ରାରେ ସାଇତି ରଖିବା ଉଚିତ୍। ଅମଳପରେ ଖରାରେ ରଖିଲେ କିମ୍ବା ୪୮ଘଣ୍ଟା ମଧ୍ୟରେ ବ୍ୟବହାର ନକରି ଫ୍ରିଜ୍ କିମ୍ବା ଶୀତଳ ଭଣ୍ଡାରରେ ସାଇତି ନ ରଖିଲେ, ଏହାର ମିଠା, ସୁବାସ ଓ ଗୁଣାତ୍ମକମାନ ହ୍ରାସ ପାଇଥାଏ। ମଧୁର ମକାର ଅମଳ ପରେ ଗଛକୁ ଉତ୍ତମ ସବୁଜ ଗୋ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ ଓ ପ୍ରାୟ ଏକ ଏକର ଜମିରୁ ୧୦୦-୧୫୦କ୍ୱିଣ୍ଟାଲ ପର୍ଯ୍ୟନ୍ତ ସବୁଜ ଗୋ ଖାଦ୍ୟ ମିଳିଥାଏ। ମଧୁର ମକା ଚାଷ କରୁଥିବା ଚାଷୀମାନେ ଏକାଥରକେ ଅଧିକ ଜମିରେ ଚାଷ ନ କରି ପର୍ଯ୍ୟାୟକ୍ରମେ ଏହାର ଚାଷ କଲେ ବିକ୍ରିବଟାରେ କୌଣସି ଅସୁବିଧା ନ ହୋଇ ନିରନ୍ତର ଭାବେ ଅମଳ ଓ ଆୟ ଦେଇଥାଏ।



## ଆୟ ଓ ବ୍ୟୟ :

ଏକ ଏକର ଜମିରେ ଉନ୍ନତ କିସମର ମଧୁର ମକା ଚାଷ କଲେ ପ୍ରାୟ ୨୩,୦୦୦ ଟଙ୍କା ଖର୍ଚ୍ଚ ହୋଇଥାଏ ଓ ଏକର ପ୍ରତି ୪୦ କ୍ୱିଣ୍ଟାଲ କଞ୍ଚା ମକା ଅମଳ ହିସାବରେ ୮୦,୦୦୦ ଟଙ୍କା (କ୍ୱିଣ୍ଟାଲ ପ୍ରତି ୨,୦୦୦ଟଙ୍କା ହିସାବରେ) ମିଳିଥାଏ। ତେଣୁ ଏକର ପିଛା ପ୍ରାୟ ୫୭,୦୦୦ ଟଙ୍କା ଲାଭ ମିଳିଥାଏ। ଏହା ବ୍ୟତୀତ ମଧୁର ମକାର ଅମଳ ପରେ ଚାଷୀ ଗଛକୁ ସବୁଜ ଗୋଖାଦ୍ୟ ହିସାବରେ ବ୍ୟବହାର କରି ପାରିବେ କିମ୍ବା ବିକ୍ରି କରି ପାରିବେ।

**ସାରଣୀ-୨: ମଧୁର ମକା ଚାଷରେ ଆୟ-ବ୍ୟୟର ଆକଳନ (ଏକର ପ୍ରତି)**

| ବିବରଣ | ଅନୁମାନିକ ଖର୍ଚ୍ଚ |
|---|---|
| ଜମି ପ୍ରସ୍ତୁତି ଓ ଚାଷ କରିବା ବିହନ ବିଶୋଧନ ଓ ବୁଣିବା, ତୃଣନାଶକ ବିଷ ପକାଇବା, କୋଡାଖୁସା କରିବା, ଘାସ ବାଛିବା, ହୁଡା ଟେକିବା, ସାର ଦେବା, କୀଟନାଶକ ବିଷ ପ୍ରୟୋଗ କରିବା, ଜଳ ସେଚନ କରିବା ଇତ୍ୟାଦି। | ୯,୦୦୦/- |
| ମଞ୍ଜି, ସାର, ଖତ, କୀଟନାଶକ, ତୃଣ ନାଶକ ଇତ୍ୟାଦି | ୧୫,୦୦୦/- |
| ସର୍ବ ମୋଟ୍ ଖର୍ଚ୍ଚ | ୨୪,୦୦୦/- |
| ମୋଟ୍ ଆୟ ଏକର ପ୍ରତି (ହାରାହାରି ଅମଳ: ୪୫ କ୍ୱିଣ୍ଟାଲ/ଏକର କଞ୍ଚା ମକା ଓ କ୍ୱିଣ୍ଟାଲ ପ୍ରତି ୨,୦୯୦/- ହିସାବରେ) | ୯୪,୦୫୦/- |
| ମୋଟ୍ ଲାଭ ଏକର ପ୍ରତି | ୭୦,୦୫୦/- |



## ମଧୁର ମକାରୁ ପ୍ରସ୍ତୁତ ସ୍ୱାଦିଷ୍ଟ ବ୍ୟଞ୍ଜନ :

ମଧୁର ମକାରୁ ସହଜରେ ପ୍ରସ୍ତୁତ କରାଯାଉଥିବା କେତେକ ସାଧାରଣ ସ୍ୱାଦିଷ୍ଟ ବ୍ୟଞ୍ଜନ ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।



### ୧. ମିଠା ମକା ସୁପ୍:

**ସାମଗ୍ରୀ:** ମିଠା ମକା ଦାନା ୧୫୦ ଗ୍ରାମ୍, ସୋୟାସସ୍ ୨ ଚାମଚ, ବିନ୍ସ୍ ୨୫ ଗ୍ରାମ, ଟମାଟୋ ସସ୍ ୨ ଚାମଚ, ଗାଜର ୨୫ ଗ୍ରାମ୍, ବନ୍ଧା କୋବି ୨୫ ଗ୍ରାମ୍, ଲୁଣ ୧/୨ ଚାମଚ, ମକାଗୁଣ୍ଡ ୨୫ଗ୍ରାମ୍, ଲୁଣ ଓ ଗୋଲମରିଚ ଗୁଣ୍ଡ ସ୍ୱାଦ ଅନୁସାରେ, ଧନିଆଁ ପତ୍ର ଓ ପୋଦିନା ପତ୍ର ଅଳ୍ପ ।

**ପ୍ରଣାଳୀ:** ମିଠା ମକା ଏବଂ ଅନ୍ୟ ପରିବାକୁ ଭଲ ଭାବରେ ପାଣିରେ ଧୋଇଦିଅନ୍ତୁ । ପରିବାଗୁଡ଼ିକୁ ଛୋଟ ଛୋଟ ଆକାରରେ କାଟି ପାଣିଦେଇ ମିଠାମକା ଦାନା ସହ ସିଝାନ୍ତୁ । ଥଣ୍ଡା ପାଣିରେ ମକାଗୁଣ୍ଡ ମିଶାଇ ଘୋଳ ପ୍ରସ୍ତୁତ କରନ୍ତୁ । ଆଞ୍ଚ ଧିମା କରି ମକାଗୁଣ୍ଡ ଘୋଳକୁ ସିଝା ଯାଇଥିବା ମିଠାମକା ଓ ପରିବାରେ ଧୀରେଧୀରେ ଢ଼ାଳନ୍ତୁ ଓ ଘାଣ୍ଟନ୍ତୁ, ଲୁଣ, ଗୋଲମରିଚ ଗୁଣ୍ଡ, ସୋୟାସସ୍, ଟମାଟୋ ସସ୍ ଦେଇ ୫/୬ମିନିଟ ଧିମା ଆଞ୍ଚରେ ସିଝାନ୍ତୁ । ପରସିବା ସମୟରେ ଲହୁଣୀ, ଧନିଆଁ ପତ୍ର ଓ ପୋଦିନା ପତ୍ର ଅଳ୍ପ ପକାଇ ପରଷନ୍ତୁ । ମିଠା ମକା ସୁପ୍ ପ୍ରସ୍ତୁତ ହେବା ପାଇଁ ୧୫-୨୦ମିନିଟ୍ ସମୟ ଲାଗିବ । ଏହି ହିସାବରେ ପ୍ରସ୍ତୁତ ସୁପ୍‌କୁ ଚାରିଜଣ ଖାଇ ପାରିବେ ।



### ୨. ମିଠା ମକା ଚାଟ୍:

**ସାମଗ୍ରୀ:** ମିଠା ମକା ଦାନା ୧୦୦ଗ୍ରାମ, ପିଆଜ ୫୦ଗ୍ରାମ୍, ଟମାଟୋ ୫୦ଗ୍ରାମ୍, ସିଝାଆଳୁ ୫୦ଗ୍ରାମ୍, କାକୁଡ଼ି ୫୦ଗ୍ରାମ୍, କଞ୍ଚା ଲଙ୍କା ୨ଟା, ଲେମ୍ବୁ ୧/୨ଟା, ଗୋଲମରିଚ ୧/୨ ଚା-ଚାମଚ, ଧନିଆଁ ପତ୍ର ଅଳ୍ପ, ଲୁଣ ସ୍ୱାଦାନୁସାରେ ।

**ପ୍ରଣାଳୀ:** ମିଠା ମକା ଦାନାକୁ ଗୋଟିଏ ପ୍ଲେଟ୍‌ରେ ରଖନ୍ତୁ । ପିଆଜ, କାକୁଡ଼ି, ସିଝାଆଳୁ ଟମାଟୋ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ ଆକାରରେ କାଟନ୍ତୁ । କଟା ହୋଇଥିବା ପରିବା ଓ ମିଠା ମକା ଦାନାକୁ ଭଲ ଭାବରେ ମିଶାନ୍ତୁ, ସେଥିରେ ଲୁଣ, ଗୋଲ ମରିଚ ଗୁଣ୍ଡ, ଚାଟ୍

ମସଲା, ଲେମ୍ବୁରସ ମିଶାନ୍ତୁ ଏବଂ ଧନିଆଁ ପତ୍ର ସଜେଇ ପରସନ୍ତୁ।



## ୩. ମିଠାମକା ପକୋଡ଼ି

**ସାମଗ୍ରୀ:** ମିଠା ମକା ଦାନା ୫୦ଗ୍ରାମ୍, ପିଆଜ ୧ଟା, ବେସନ ୭୫ଗ୍ରାମ, କଞ୍ଚାଲଙ୍କା ୨ଟା, ଚାଟ୍ ମସଲା ଓ ଲୁଣ ସ୍ୱାଦଅନୁସାରେ, ତେଲ ଛାଣିବା ପାଇଁ, ଭୃଷୁଙ୍ଗପତ୍ର ଅଳ୍ପ।

**ପ୍ରଣାଳୀ:** ପିଆଜ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ ଆକାରରେ କାଟନ୍ତୁ। ସେଥିରେ ମିଠା ମକା ଦାନା, ବେସନ, ଲୁଣ, ଭୃଷୁଙ୍ଗ ପତ୍ର, ଚାଟ୍ ମସଲା ଓ ଅଳ୍ପ ପାଣି ଦେଇ ଗୋଳାନ୍ତୁ, ତେଲ ଗରମ କରନ୍ତୁ ଓ ପୋକଡ଼ି ଛାଣନ୍ତୁ, ଗରମ ଗରମ ପରସନ୍ତୁ।



## ୪. ମିଠା ମକା ପାଳଙ୍ଗ ବଟର ମସଲା:

**ସାମଗ୍ରୀ:** ପାଳଙ୍ଗ ଶାଗ ୨୦୦ଗ୍ରାମ୍, ମିଠା ମକା ଦାନା ୧୦୦ଗ୍ରାମ, ପିଆଜ ୨ଟା, ଟମାଟୋ ୧ଗୋଟି, ଅଦା, ରସୁଣ ପେଷ୍ଟ ୨ଚାମଚ, ଲାଲ୍ ଲଙ୍କାଗୁଣ୍ଡ ୧ ଚା-ଚାମଚ, ତେଲ-୨୦ଗ୍ରାମ୍, ଗରମ ମସଲା ଗୁଣ୍ଡ ସ୍ୱାଦ ଅନୁସାରେ, ହଳଦୀ ଗୁଣ୍ଡ ୧/୨ଚା-ଚାମଚ, ଲୁଣ ସ୍ୱାଦ ଅନୁସାରେ, ଲହୁଣୀ ୨୦ଗ୍ରାମ୍।

**ପ୍ରଣାଳୀ:** ପ୍ରଥମେ ପାଳଙ୍ଗ ଶାଗକୁ ବାଛି ଭଲ ଭାବରେ ଧୋଇ ଦିଅନ୍ତୁ। ଏକ ପାତ୍ରରେ ଅଳ୍ପ ପାଣି ଫୁଟାନ୍ତୁ ଓ ସେଥିରେ ପାଳଙ୍ଗ ଶାଗ ୨ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ, ଚୁଲିରୁ କାଢ଼ି ଥଣ୍ଡା କରନ୍ତୁ। ଥଣ୍ଡା ହୋଇଗଲା ପରେ ପତ୍ରକୁ ଗ୍ରାଇଣ୍ଡରରେ ଗ୍ରାଇଣ୍ଡିଂ କରନ୍ତୁ। ପିଆଜକୁ ଛୋଟ ଛୋଟ କାଟନ୍ତୁ, ଚୁଲିରେ କଡ଼େଇ ବସାଇ ତେଲ ଗରମ କରନ୍ତୁ। ସେଥିରେ ପିଆଜ ଓ ଅଦା ରସୁଣ ପେଷ୍ଟ ପକାଇ କସନ୍ତୁ। କସି ହୋଇଗଲା ପରେ ସେଥିରେ ଲଙ୍କାଗୁଣ୍ଡ, ହଳଦୀ ଟମାଟୋ ଓ ମିଠା ମକା ପକାଇ କସନ୍ତୁ। ତେଲ ଛାଡ଼ିବା ମାତ୍ରେ ବଟା ଯାଇଥିବା ପାଳଙ୍ଗ ଶାଗ ପକାନ୍ତୁ। ସେଥିରେ ଲୁଣ, ଗରମ ମସଲା ମିଶାନ୍ତୁ, ୫ ମିନିଟ୍ ପର୍ଯ୍ୟନ୍ତ ରାନ୍ଧନ୍ତୁ। କଡ଼େଇ ଚୁଲାରୁ କାଢ଼ିଲା ପରେ ଲହୁଣୀ ମିଶାନ୍ତୁ ଓ ଗରମ ଗରମ ରୁଟି ସହିତ ପରସନ୍ତୁ।



Printed at : Ankita Graphics, Bhubaneswar.
saroj77337@gmail.com / Ph : 9437077337

2023120098

OUAT Publication:
No. 2023120098